# ଆଜିଠାରୁ ଯାଜପୁରର ଗଣପର୍ବ କାଳୀପୂଜା

■ ୫୬ ମଣ୍ଡପରେ ପୂଜା ପାଇବେ କାଳୀ ଓ ଲକ୍ଷ୍ମୀନାରାୟଣ
■ ୧୪୨ କେଜି ଚାନ୍ଦିରେ ସଜିତ ହୋଇଛନ୍ତି ଆଦ୍ୟ ଗରୁଡ଼ କାଳୀ

ଯାଜପୁର ଟାଉନ,୧୧।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):


ମା' ଆଦ୍ୟ ଗରୁଡ଼ କାଳୀଙ୍କୁ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି।


ସଦାବ୍ରତ ମଠ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ନିର୍ମିତ ଆଲୋକ ତୋରଣ।

ଯାଜପୁରର ଗଣପର୍ବ କାଳୀପୂଜା ରବିବାରଠାରୁ ଉତ୍ସାହ ଉଦ୍ଦିପନାର ସହ ଆରମ୍ଭ ହେବ। ଚଳିତ ବର୍ଷ ପୂଜାରେ ବହୁ ମଣ୍ଡପରେ ଶନିବାର ସୁଦ୍ଧା ସାଜସଜ୍ଜା ସମ୍ପନ୍ନ ହୋଇଛି। ରାତିରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ରବିବାର ଦୀପାବଳି ଅମାବାସ୍ୟାରେ ଦେବୀ କାଳୀଙ୍କ ପୂଜା କାର୍ଯ୍ୟ ଆରମ୍ଭ ହେବ। ଚଳିତ ବର୍ଷ ପୌରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରୁ ପ୍ରାୟ ୫୬ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ମୂର୍ତ୍ତି ପୂଜା ପାଇବେ। ଆଦ୍ୟକାଳୀ ଭାବେ ପୂଜା ପାଉଥିବା ଗରୁଡ଼କାଳୀଙ୍କୁ ଚାନ୍ଦି ମେଢ଼ରେ ସଜ୍ଜିତ କରାଯାଇଛି। ଏହି ମେଢ଼ରେ ୧୪୨ କେଜି ଚାନ୍ଦି ଲାଗିଛି। ୨ଶହ ବର୍ଷ ପାଖାପାଖି ହେବ ଏହି ଗରୁଡ଼ କାଳୀ ପୂଜା ପାଇଆସୁଛନ୍ତି। କଟକ ବଣିଆ ସାହିର କୁଶଳୀ କାରିଗର ଆସି ମୂର୍ତ୍ତି ନିର୍ମାଣ କରିଛନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ସହରର ପୁରାତନ ପୂଜା ମଣ୍ଡପ ହିସାବରେ ସଦାବ୍ରତ ମଠ, ବଡ଼ବଜାର, ସାନବଜାର, ଗରିଆପୁର, ହାବେଳି ବଜାର, ହରପାର୍ବତୀ ଛକ, ଡେଲି ମାର୍କେଟ, ବସଷ୍ଟାଣ୍ଡ ଛକ, ଝାଉଁବଣ, କିଆନାଳି, ଭବାନୀଗଞ୍ଜ, ମହାବୀର ଛକ, ମାନସାପୋଲ, ଲଳିତେଶ୍ୱରନଗର, ବିରଜାହାଟ, କୁଆଁସରପୁର, ଯୋଡ଼ିକୂଅ, ଶୀତଳେଶ୍ୱର, ଅମ୍ବିକାଇ, ବିରଜା ସିନେମା, ଚଣ୍ଡେଶ୍ୱର, ଶୁଭସ୍ତମ୍ଭ ଛକ, ବିରଜା ହାଇସ୍କୁଲ, ବୈଦ୍ୟରାଜପୁର ଓ କୃଷ୍ଣକାଳୀ ମଣ୍ଡପ ଗୁଡ଼ିକର ସାଜସଜ୍ଜା ଓ ପ୍ରତିମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି।

ସୋମବାରଠାରୁ ଅଧିକାଂଶ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲା ଓ ରାଜ୍ୟ ବାହାରୁ ଅନେକ ବ୍ୟବସାୟୀ ପ୍ରତିଷ୍ଠାନ ଆସି ଏଠାରେ ପହଞ୍ଚିଛନ୍ତି। କୁସୁମା ନିକଟରେ ମିନା ବଜାର ପୂଜାକୁ ଅଧିକ ଆକର୍ଷଣୀୟ କରିବ ବୋଲି ଜଣାପଡିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଜିଲାର ପ୍ରାୟ ସମସ୍ତ ଥାନାର ଆଇଆଇସି ଓ ଏସ୍ଆଇମାନେ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ଗଣପର୍ବ କିଭଳି ଶୃଙ୍ଖଳାର ସହିତ ସମ୍ପନ୍ନ ହେବ ସେଥି ନିମନ୍ତେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍ପି ଭିନୀତ ଅଗ୍ରୱାଲ ପ୍ରତ୍ୟେକ ଦିଗକୁ ତଦାରଖ କରିଛନ୍ତି। ଭସାଣି ଉତ୍ସବ ଆସନ୍ତା ୧୯ ଓ ୨୦ ତାରିଖରେ ହେବ ବୋଲି ସ୍ଥିର ହୋଇଛି। ଭାଇଚାରାର ସହର ଯାଜପୁରର ପ୍ରାୟ ୫/୬ଟି ପୂଜା ମଣ୍ଡପରେ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ସ୍ଥାନୀୟ ବ୍ୟବସାୟୀ ଓ ସାମାଜିକ କର୍ମୀ ସାମିଲ ହୋଇ ଗଣପର୍ବକୁ ଉପଭୋଗ କରିଥାନ୍ତି।

# ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,୧୧।୧୧(ବଟକୃଷ୍ଣ ପରିଡ଼ା):



ରବି ଲାବଣ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ।

ପୂର୍ବତନ ବିଧାୟକ ରବି ଲାବଣ୍ୟ ତାଙ୍କ ଜୀବନ କାଳରେ ଜଣେ ସଫଳ ଛାତ୍ରନେତା, ଶ୍ରମିକ ନେତା, କୃଷକ ନେତା, ଶିକ୍ଷକ, ନାଟ୍ୟ ନିର୍ଦ୍ଦେଶକ ଓ ରାଜନେତା ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କର ତେଜସ୍ୱିନୀ ଭାଷଣ ସୁପ୍ତ ଜନତାଙ୍କୁ ଜାଗ୍ରତ କରି ଦେଉଥିଲା। ସେ ଆଜନ୍ମ ବିପ୍ଳବୀ ତଥା ପ୍ରଚଣ୍ଡ ପ୍ରତିଭାଧର ବ୍ୟକ୍ତିଥିଲେ। ଅନ୍ୟାୟ, ଅତ୍ୟାଚାର, ବ୍ୟାଭିଚାର ଓ ଭ୍ରଷ୍ଟାଚାର ବିରୋଧରେ ସାରା ଜୀବନ ସ୍ୱର ଉତ୍ତୋଳନ କରି ଆସୁଥିଲେ ବୋଲି ତାଙ୍କ ଦ୍ୱାଦଶାହ ତିଥିରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି।

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମସ୍ଥିତ ଲାବଣ୍ୟଙ୍କ ବାସଭବନରେ ଆୟୋଜିତ ସଭାରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତପ୍ରକାଶ କରିଛନ୍ତି। ସାମାଜିକ କର୍ମୀ କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା, ଡ. ବିଜୟ କୁମାର ଶତପଥୀ, ଡ. ପ୍ରିୟନାଥ ମହାପାତ୍ର, ପୂର୍ବତନ ଏମ୍ପି ରୀତା ତରେଇ, ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ରାଜକିଶୋର ପାଢ଼ୀ, ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଭାଜପା ନେତା ଗୌତମ ରାୟ, ବୈଜ୍ଞାନିକ ଡ. ରବୀନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଲାବଣ୍ୟଙ୍କ ତ୍ୟାଗପୂତ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଲାବଣ୍ୟଙ୍କ ଜୀବନୀକୁ ନେଇ ପ୍ରକାଶିତ ସ୍ମରଣିକା 'ସ୍ୱାଭିମାନ' କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ତଥା ହରିଶଙ୍କର ମହାବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶ, କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଏବଂ ଝିଅ ସୁଭଦ୍ରା ଦାଶ ଅତିଥିଙ୍କୁ କୃତଜ୍ଞତା ଜଣାଇବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୋମାମାଡ଼ ଘଟଣାରେ ଜଣେ ଗିରଫ

ଧର୍ମଶାଳା /ଜେନାପୁର, ୧୧।୧୧ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):



ଯାଜପୁର ଜିଲା ଜେନାପୁର ଥାନା ଏଣ୍ଡଲବା ପଞ୍ଚାୟତ କଲାଣ୍ଡ ଗ୍ରାମରେ ଗତ ୯ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର ସୁବାସ ସାହୁ(୩୫)।

ଢେଙ୍କାନାଳ ଓ ଯାଜପୁର ଜିଲା ସୀମାନ୍ତରେ ଥିବା କଲାଣ୍ଡ ଗ୍ରାମରେ ଦୀର୍ଘ ବର୍ଷ ଧରି ସୁବାସ ଓ ଏଣ୍ଡଲବା ଗ୍ରାମର ପ୍ରହ୍ଲାଦ ବେହେରା ଚୋରା ଦେଶୀ ମଦ ବ୍ୟବସାୟ କରୁଥିଲେ। ନିଜ ସୀମା ବୃଦ୍ଧି ପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଛୋଟମୋଟ ଗଣ୍ଡଗୋଳ ଘଟୁଥିଲା। ୨ ମାସ ତଳେ ପ୍ରହ୍ଲାଦଙ୍କ ଆକ୍ରମଣରେ ଗୁରୁତର ହୋଇ ସୁବାସ ଘର ଛାଡ଼ି ପଳାଇଥିଲେ। ତେବେ ସୁବାସ ଘରକୁ ଆସିଥିବା ପ୍ରହ୍ଲାଦ ଜାଣିବା ପରେ ଅସ୍ତ୍ରଶସ୍ତ୍ର ଧରି ତାଙ୍କ ଘରପାଖରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଏହି ସମୟରେ ସୁବାସ ନିଜକୁ ରକ୍ଷା କରିବା ପାଇଁ ୨ଟି ବୋମାମାଡ଼ କରିଥିଲେ। ଏଥିରେ ପ୍ରହ୍ଲାଦ ଗୁରୁତର ହୋଇଥିଲେ। ପରେ ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଜଣକୁ ଅଟକ ରଖି ପଚରାଉଚାର କରିଥିଲା। ୧୦ ତାରିଖରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ର ତଦନ୍ତ ବେଳେ ସୁବାସଙ୍କ ଘରୁ ଏକ ଦେଶୀ ବନ୍ଧୁକ ଓ ୪ ରାଉଣ୍ଡ ଗୁଳି ମିଳିଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ଥାନାରେ ନମ୍ବର ୩୦୩/୨୩ରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ସୁବାସଙ୍କ ସ୍ତ୍ରୀ ସନ୍ତୋଷୀ ସାହୁ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଏକ ମାମଲା ନମ୍ବର ୩୦୮/୨୩ ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅଭୟ


@ ବନ୍ଧନ


@ ଚିନ୍ମୟ


@ ସୁଜିତ୍


@ ସୂର୍ଯ୍ୟପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୀପ ଜାଳି ଦୀପାବଳି ପାଳିବାକୁ ଶପଥ

ଚଣ୍ଡିଖୋଲ,୧୧।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):


ବାଣ ନ ଫୁଟାଇବା ପାଇଁ ଛାତ୍ରୀଛାତ୍ର ଶପଥ ନେଉଛନ୍ତି।

ଦୀପାବଳି ପୂର୍ବରୁ ଶନିବାର ଯାଜପୁର ଜିଲା ବଡ଼ଚଣା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଛନ୍ତି। ଛାତ୍ରୀଛାତ୍ର ଦୀପାବଳିରେ ବାଣ ଫୁଟାଇବେ ନାହିଁ, ଏହା ବଦଳରେ ଦୀପ କିମ୍ବା ମହମ ବତି ଜାଳି ଦୀପାବଳି ପାଳନ କରିବେ ବୋଲି ଶପଥ ନେଇଛନ୍ତି। ଶନିବାର ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ମାଣ୍ଡୁକାସ୍ଥିତ ପଞ୍ଚାୟତ ବିଦ୍ୟାଳୟ ପରିସରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ବାଣ ଫୁଟାଇବା ଦ୍ୱାରା କିପରି ପ୍ରଦୂଷଣ ହେଉଛି, ପ୍ରଦୂଷଣ ଯୋଗୁ ଭାରତର ରାଜଧାନୀ ଦିଲ୍ଲୀରେ କିଭଳି ସମସ୍ୟା ସୃଷ୍ଟି ହୋଇଛି ଓ ଏହି ବାଣ ଫୁଟାଇବାକୁ ସୁପ୍ରିମକୋର୍ଟ କିଭଳି ବାରଣ କରି ନିର୍ଦ୍ଦେଶ ଦେଇଛନ୍ତି ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇସହ ପରିବେଶ ସୁରକ୍ଷା ନିମନ୍ତେ ବାଣକୁ ବର୍ଜନ କରି ଦୀପ ଜଳିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଛାତ୍ରୀଛାତ୍ର ମହମ ବତି ଜଳାଇ ବାଣ ନ ଫୁଟାଇବାକୁ ଶପଥ ନେଇଛନ୍ତି। ପ୍ରଧାନଶିକ୍ଷକ ସୋମନାଥ ନାୟକ, ଶିକ୍ଷକ ଅବନୀ କୁମାର ରାଉତ ରାୟ, ଶ୍ରୀପତି ମହାନ୍ତି ଓ ବିଜୟ କୁମାର ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ରପତ୍ର ଆସିବା ପରେ ପ୍ରତ୍ୟେକ ବିଦ୍ୟାଳୟରେ ଶପଥ ପାଠ ଉତ୍ସବ କରାଯାଇଥିବା ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି।

## 'ବାଣ ନୁହେଁ, ହସ ଫୁଟାଇବା'

ପାଣିକୋଇଲି,୧୧।୧୧(ବିକାଶ ମଲ୍ଲିକ): କୋରେଇର ସାମାଜିକ ସଙ୍ଗଠନ ସ୍ମାଇଲ ଫାଉଣ୍ଡେଶନ ତରଫରୁ ଦୀପାବଳିକୁ ନିଆରା ଢ଼ଙ୍ଗରେ ପାଳନ କରାଯାଇଛି। ଫାଉଣ୍ଡେଶନର ସଦସ୍ୟମାନେ 'ବାଣ ନୁହେଁ, ହସ ଫୁଟାଇବା' କାର୍ଯ୍ୟକ୍ରମ କରିଛନ୍ତି। ସେମାନେ ବାଣ ନ ଫୁଟାଇ ସେହି ଖର୍ଚ୍ଚରେ କୋରେଇ ବ୍ଲକ ମୁଳାପାଳ ପଞ୍ଚାୟତର ଆଦିବାସୀବସ୍ତିରେ ପିଲାଙ୍କୁ ପୋଷାକ, ଖେଳଣା, ଚୁଡ଼ି, ଭ୍ୟାନିଟି ବ୍ୟାଗ, ଚକଲେଟ ଓ ମିଠା ଆଦି ବଣ୍ଟନ କରି ସେମାନଙ୍କ ମୁହଁରେ ହସ ଫୁଟାଇଛନ୍ତି। ଏଥିସହିତ ପିଲାଙ୍କ ମଧ୍ୟରେ ଖେଳ, ନାଚ ଗୀତର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ସଭାପତି ଆଲୋକ କୁମାର ଦାସ, ସମ୍ପାଦକ ତରୁଣ ସାହୁ, ସୌମ୍ୟବ୍ରତ ସାହୁ, ବିଦ୍ୟାଧର ପାଢ଼ୀ, ରାଧେଶ୍ୟାମ ସାହୁ, ଚିତ୍ତରଞ୍ଜନ ମିଶ୍ର, ପ୍ରସନ୍ନ ସ୍ୱାଇଁ, ପ୍ରଦୀପ ସାହୁ, ରାଜା ସାହୁ, ସୂର୍ଯ୍ୟମଣି ପାତ୍ର, ଓ ମନିଷ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ସ୍ମାଇଲ ଫାଉଣ୍ଡେଶନ ତରଫରୁ ଆଦିବାସୀ ପିଲାଙ୍କ ଗହଣରେ ଦୀପାବଳି ପାଳନ କରାଯାଉଛି।

# ସାଇକେଲ ଦୋକାନ ଜଳିଗଲା

ଯାଜପୁର ସଦର,୧୧।୧୧ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ଜହଳଘାଟସ୍ଥିତ ମାନସ ରଞ୍ଜନ ଘଡ଼େଇଙ୍କ ସାଇକେଲ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକନଟି ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୋକାନରେ ଥିବା ସମସ୍ତ ଯନ୍ତ୍ରାଂଶ ନଷ୍ଟ ହୋଇଯାଇଛି। ଶନିବାର ପୂର୍ବାହ୍ନ ୧୧ଟା ସମୟରେ କୌଣସି



କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ସଦର ମହକୁମା ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନରେ ଥିବା ସାଇକେଲ ଯନ୍ତ୍ରାଂଶ ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିଲା। ଅଗ୍ନିକାଣ୍ଡ ପରେ ଦୋକାନ ଉପରେ ନିର୍ଭରକରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ମାନସ ଭାଙ୍ଗି ପଡ଼ିଛନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଶାନ୍ତି କମିଟି ଗଠନ ପ୍ରସ୍ତାବ ବିଫଳ

## ବ୍ରାହ୍ମଣବାଡ଼ ଗିରିଗୋବର୍ଦ୍ଧନ ପୂଜା

■ ୧୪୪ ଧାରା ଜାରିକଲା ପ୍ରଶାସନ
■ ସେବାୟତଙ୍କ ମଧ୍ୟରେ ସୀମିତ ରହିବ ପୂଜା

ରସୁଲପୁର,୧୧।୧୧(ରଞ୍ଜିତ ରାଉତ):


ପୂଜାସ୍ଥଳରେ ଲଟକା ଜାରି କରାଯାଉଛି।

ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମରେ ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜାକୁ ନେଇ ବିବାଦ ଲାଗି ଆସୁଛି। ଏଠାରେ ଥିବା ବିବାଦର ଆପୋସ ସମାଧାନ ପାଇଁ ପ୍ରଶାସନିକସ୍ତରରେ କରାଯାଇଥିବା ପ୍ରୟାସ ବିଫଳ ହୋଇଛି। ଯାଜପୁର ଉପଜିଲାପାଳ ଗୋପୀନାଥ କଅଁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂଜାକୁ ନେଇ ଶାନ୍ତି କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ପକ୍ଷମାନେ ଗ୍ରହଣ କରିନାହାନ୍ତି। ପକ୍ଷଦ୍ୱୟ ଜିଦ୍‌ରେ ଅଟଳ ରହିବାରୁ ଗୋଟିଏ ସ୍ଥାନରେ ପୂଜା ହେବା ସମ୍ଭବ ହୋଇପାରିନାହିଁ। ପୂର୍ବବର୍ଷ ଭଳି ଚଳିତବର୍ଷ ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ପୂଜା ପୃଥକ୍ ସ୍ଥାନରେ କରାଯିବ। ଉଭୟ ପୂଜାସ୍ଥଳରେ ଶନିବାର କୁଆଖିଆ ପୋଲିସ ପକ୍ଷରୁ ୧୪୪ ଧାରା ଜାରି କରାଯିବା ସହ ନାଲି ପତାକା ଲଗାଯାଇ ପୂଜାସ୍ଥଳର ସୀମା ନିରୂପଣ କରାଯାଇଛି। ଏନେଇ ଥାନା ପକ୍ଷରୁ ପୂଜାସ୍ଥଳରେ ଲଟକା ଜାରି କରାଯିବା ସହ ଉଭୟ ପକ୍ଷଙ୍କୁ ନୋଟିସ ପ୍ରଦାନ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ କେବଳ ବ୍ରାହ୍ମଣ ଓ ସେବକଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହେବ। ଭକ୍ତଙ୍କ ସମାବେଶ ହୋଇପାରିବନାହିଁ। ପୂଜାସ୍ଥଳକୁ ପ୍ରବେଶ କରିବାକୁ ପକ୍ଷମାନଙ୍କୁ ବାରଣ କରାଯାଇଛି।

୨୦୨୨ ପଞ୍ଚାୟତ ନିର୍ବାଚନ ବିବାଦରୁ ଗାଁର ଗିରିଗୋବର୍ଦ୍ଧନ ପୂଜା ଦୁଇଭାଗ ହୋଇଆସୁଛି। ପ୍ରଭାବଶାଳୀ ଗୋଷ୍ଠୀ ପକ୍ଷରୁ ପୁରୁଣାଠାକୁର ଘରେ ଜୋରଜବରଦସ୍ତ ପୂଜା କରାଯାଇଥିଲା। ଉକ୍ତ ପୂଜା ସ୍ଥଳକୁ ଅନ୍ୟଗୋଷ୍ଠୀଙ୍କୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ଫଳରେ ସେମାନେ ପୃଥକ୍ ଭାବେ ପୂଜା ଆୟୋଜନ କରିଥିଲେ। ଭସାଣ ଉତ୍ସବ ସମୟରେ ଗାଁରେ ଗଣ୍ଡଗୋଳ ସୃଷ୍ଟି ହେବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ତିକ୍ତତା ବଢିଯାଇଥିଲା। ସେବେଠାରୁ ପୂଜା ଅଲଗା ହୋଇଆସୁଛି। ମାମଲାକୁ ନେଇ ପକ୍ଷମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପାରମ୍ପରିକ ସ୍ଥାନରେ ପୂଜା ଜାରି ରହିବ ବୋଲି କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଚଳତିବର୍ଷ ପୂଜା ପୂର୍ବରୁ ପୁରୁଣା ବିବାଦ ପୁଣି ମୁଣ୍ଡ ଟେକିଥିଲା। ଉକ୍ତ ବିବାଦର ଆପୋସ ସମାଧାନ ପାଇଁ ଚଳିତମାସ ୬ତାରିଖରେ ଥାନା ପରିସରରେ ଉପଜିଲାପାଳଙ୍କ ନେତୃତ୍ୱରେ ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ସରପଞ୍ଚ ହୃଦାନନ୍ଦ ସାହୁ ଓ କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ଉଭୟ ପକ୍ଷଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ଶାନ୍ତି କମିଟି ଗଠନ କରାଯାଇ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗୋଟିଏ ସ୍ଥାନରେ ଉଭୟ ପକ୍ଷ ମିଶି ପୂଜାକରିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ଉକ୍ତ ପରାମର୍ଶକୁ ପକ୍ଷମାନେ ଗ୍ରହଣ କରି ନ ଥିଲେ। ପୂର୍ବବର୍ଷ ଭଳି ଚଳିତବର୍ଷ ନିରାଡମ୍ବର ସହ ପୂଜା ହେବ ବୋଲି ନିଷ୍ପତ୍ତି ହୋଇଛି। ପୂଜାକୁ ନେଇ ଗ୍ରାମରେ ଶାନ୍ତିଶୃଙ୍ଖଳା ଯେପରି ଭଙ୍ଗ ନ ହୁଏ ସେଥିପ୍ରତି ପୋଲିସ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି।

## ସଂକ୍ଷେପରେ

### ୧୦ କୁଇଣ୍ଟାଲ ଝୋଟ ପୋଡ଼ିଗଲା



ରାଜକନିକା,୧୧।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଧୀନ ଦଶଭଗାରିଆ ଗ୍ରାମର ଜଣେ ଚାଷୀଙ୍କ ୧୦ କୁଣ୍ଟାଲରୁ ଊର୍ଦ୍ଧ୍ୱ ଝୋଟ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି । ଶନିବାର ସକାଳେ ଉକ୍ତ ଗ୍ରାମର ଚାଷୀ ସୁଦର୍ଶନ ରାଉତ ନିଜ ଘରେ ଅମଳ କରାଯାଇଥିବା ୧୦ କୁଣ୍ଟାଲରୁ ଊର୍ଦ୍ଧ୍ୱ ଝୋଟକୁ ଗଣ୍ଡି କରି ରଖିଥିଲେ । ବିଦ୍ୟୁତ୍ ଶର୍ଟ ସର୍କିଟରୁ ସେଥିରେ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣାର ସମସ୍ତ ଝୋଟ ପୋଡ଼ି ପାଉଁଶ ହୋଇଛି । ଏଥିରେ ସୁଦର୍ଶନ ହତାଶ ହୋଇପଡ଼ିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଭାରିଗଦା ସରପଞ୍ଚ ପ୍ରଦୀପ ମଲିକ ଦାବି କରିଛନ୍ତି ।

### ତାଳଚୁଆରେ ବାଣ ଜବତ, ଜଣେ ଗିରଫ

ରାଜନଗର,୧୧।୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବାଘୁଆ ଗ୍ରାମରେ ବେଆଇନ ଭାବେ ବାଣ ବିକ୍ରି ଅଭିଯୋଗରେ ଜୟଦେବ ଦାସଙ୍କୁ ଗିରଫ କରିଛି । ୧୫ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ସୂଚନାଯୋଗ୍ୟ ସୁପ୍ରିମକୋର୍ଟ ଉଭୟ ଶବ୍ଦ ଓ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଦୀପାବଳିରେ ବାଣ ନ ଫୁଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଦୌଡ଼କୁଦ ପ୍ରତିଯୋଗିତା, ଦ୍ୱିତୀୟ ସ୍ଥାନ ଅଧିକାର କଲେ ଛାତ୍ର



ଆଳି,୧୧।୧୧(ବନମାଳୀ ସେନାପତି)

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୁହର ୧୪ରୁ ୧୭ ବର୍ଷ ବୟସର ଛାତ୍ରମାନଙ୍କ ଦୌଡ଼କୁଦ ପ୍ରତିଯୋଗିତାରେ ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ର ମୋହାଫିଜ ଖାଁ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୁହ ଦୌଡ଼କୁଦ ପ୍ରତିଯୋଗିତା ସୁନ୍ଦରଗଡ଼ର ବି.ଏସ୍.ସରକାରୀ ଉଚ୍ଚବିଦ୍ୟାଳୟଠାରେ ଗତ ୧ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ପ୍ରତିଯୋଗିତାରେ ୫୦୦୦ମିଟର ଦୌଡ଼ ପ୍ରତିଯୋଗିତାରେ ମୋହାଫିଜ ସଫଳତା ହାସଲ କରିଛନ୍ତି। ଏହି ଖବର ମିଳିବା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦ ଲହରି ଖେଳିଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକ, ସ୍କୁଲ ପରିଚାଳନା ପରିଷଦ ସଭାପତି ବନମାଳୀ ସେନାପତି, ଖେଳ ଶିକ୍ଷକ ଆଦିକନ୍ଦ ବେହେରା ଓ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ମେହେଫୁଜଙ୍କ ସଫଳତା ପାଇଁ ତାକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଦକ୍ଷିଣ ଆଫ୍ରିକାରେ ଫସିଛନ୍ତି ୧୪ ଓଡ଼ିଆ ଶ୍ରମିକ

ରାଜକନିକା,୧୧।୧୧(ସଞ୍ଜୟ କୁମାର ଦାଶ)



ଦକ୍ଷିଣ ଆଫ୍ରିକାରେ ଫସି ରହିଥିବା ଶ୍ରମିକ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳରୁ ଶତାଧିକ ଶ୍ରମିକ ଦାଦନ ଖଟିବାକୁ ଦେଶ ବିଦେଶ ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ମଧ୍ୟରୁ ୧୪ ଓଡ଼ିଆ ଶ୍ରମିକ ଦକ୍ଷିଣ ଆଫ୍ରିକା ଯାଇଥିଲା । ସେଠାରେ ସେମାନେ ଫସି ରହିଛନ୍ତି । ସେମାନଙ୍କୁ ସେଠାରେ ଉଦ୍ଧାର କରିବା ପାଇଁ ଉକ୍ତ ଶ୍ରମିକମାନେ ଏକ ଭିଡିଓ ବାର୍ତ୍ତାରେ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ଦକ୍ଷିଣ ଆଫ୍ରିକାର ଗାବନ ସହରର ସନରାଇଜ ଗ୍ଲୋବାଲ କମ୍ପାନୀରେ ଉପରୋକ୍ତ ଶ୍ରମିକମାନେ କାମ କରୁଥିଲେ । ହେଲେ କିଛି ମାସ କାମ କରିବା ପରେ କମ୍ପାନୀ ସେମାନଙ୍କୁ ଦରମା ଦେଉନାହିଁ। ଏପରି କି ଖାଇବା ଓ ପିଇବାକୁ ପାଣି ସେମାନଙ୍କୁ ମିଳୁନାହିଁ। ଖାଦ୍ୟ ଓ ପାଣି ପାଇଁ ସେମାନେ ଗୁହାରୀ କଲେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ଶ୍ରମିକମାନେ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି। ଏପରିକି ସେଠାରେ ଏକପ୍ରକାର ନଜର ବନ୍ଦୀରେ ସେମାନେ ରହିଛନ୍ତି । ତେଣୁ ସେମାନଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। କମ୍ପାନୀର ମାଲିକ ଆଶିଷ ସିଂହଲ, ତାଙ୍କର ଆକୃତି ନାମକ ପ୍ଲାଏଉଡ଼୍ କମ୍ପାନୀ ରହିଛି । ସେହି କମ୍ପାନୀ ଦରମା ନ ଦେଇ ସେମାନଙ୍କୁ କାମ କରିବାକୁ ବାଧ୍ୟ କରାଯାଉଛି । ଏଥିରେ ବ୍ୟତିକ୍ରମ ହେଲେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି । ଏଣେ ବିଦେଶ ଯାଇଥିବାରୁ ଶ୍ରମିକଙ୍କ ପରିବାର ଲୋକେ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି । ଶ୍ରମିକମାନଙ୍କୁ ଓଡ଼ିଶା ସରକାରଙ୍କ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି।

ରାଜକନିକା ଥାନା ଅଧୀନ ତ୍ରୈଲୋକ୍ୟପୁରର ବିଚିତ୍ର କୁମାର ବିଶ୍ୱାଳ, ତେନ୍ତୁଳିକୋଳି(ବ୍ରାହ୍ମଣୀଅଡା)ର ପ୍ରତାପ ନାୟକ, ବଡ଼ପଙ୍କ ନୂଆଗାଁର ଜୟନ୍ତ କୁମାର ମଲିକ, ବିଶମ୍ବର ମଲିକ, ରଜତ କୁମାର ମଲିକ, ତରପଦାର ଶରତ କୁମାର ନାୟକ ଓ ନିରାକାର ସାହୁ, ଆରସାର ପ୍ରମୋଦ ଖଟୁଆ, ନାଳିଆପାଟର ପ୍ରଶାନ୍ତ କୁମାର ପତି ପ୍ରମୁଖ ୯ ଜଣ ସେଠାରେ ଫସି ଥିବା ବେଳେ ଆଳି ଅଞ୍ଚଳର ଜଣେ, ଧାମନଗର ଅଞ୍ଚଳର ୨ ଜଣ ଓ ରାଜନଗର ରିଘାଗଡ଼ ଅଞ୍ଚଳର ଜଣେ ଶ୍ରମିକ ସେଠାରେ ଅଛନ୍ତି।

## ଫାଇନାଲରେ ପପୁଲାର କ୍ଲବ୍, ୟଙ୍ଗ ଉତ୍କଳ କ୍ଲବ୍ ମଧ୍ୟରେ ମୁକାବିଲା



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ରାଜକନିକା,୧୧।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ଟୁର୍ନାମେଣ୍ଟରେ ପପୁଲାର କ୍ଲବ୍ ଓ ୟଙ୍ଗ ଉତ୍କଳ କ୍ଲବ୍ ଫାଇନାଲରେ ପ୍ରବେଶ କରିଛନ୍ତି । ସ୍ଥାନୀୟ ଆର୍.ଏନ. ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଗୁରୁବାର ୨ୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କଟକ ୟଙ୍ଗ ଉତ୍କଳ ଫୁଟବଲ ବ୍ଲକ ବନାମ ଧାନବାଦ ଜିଲା ଫୁଟବଲ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୟଙ୍ଗ ଉତ୍କଳ ବ୍ଲକ ୭-୦ ଗୋଲରେ ବିଜୟୀ ହୋଇଥିଲା। ଫଳରେ ୟଙ୍ଗ ଉତ୍କଳ ବ୍ଲକ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି । ୟଙ୍ଗ ଉତ୍କଳ ବ୍ଲକ ରାକେଶ ସାହୁଙ୍କୁ ଆଜିର ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇଛନ୍ତି। ଅତିଥିମାନେ ଯୁଧିଷ୍ଠିର ମଥାନ ସ୍ମାରକୀ ଅର୍ଥରାଶି ସହ ଟ୍ରଫି ତାଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡାଇରେକ୍ଟର ଏନସିସି ଓଡ଼ିଶା କର୍ଣ୍ଣେଲ ସାଗର ମହାନ୍ତି ଯୋଗଦେଇଥିବା ବେଳେ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନର ସଭାପତି ଧରଣୀଧର ନାୟକ, ସମ୍ମାନିତ ଓଡ଼ିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ରାଉତ, ଯୁଗ୍ମ ସମ୍ପାଦକ ଓଡ଼ିଶା ମିଶନଶକ୍ତି ବିନୋଦ କୁମାର ଜେନା , ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଜିତେନ୍ଦ୍ର କୁମାର ରାଉତ, ଆଇନଜୀବୀ ବିଚିତ୍ର କୁମାର ରାଉତ, ସାମାଜିକ କର୍ମୀ ମାନସ କୁମାର ଧଳ, ଶୁଭାଶିଷ ରାଉତରାୟ, ପ୍ରମୋଦ କୁମାର ରାଉତ, ଇଂ. ଶିବନାରାୟଣ ବାରିକ, ଆଇନଜୀବୀ ହିମାଂଶୁ ଭୂଷଣ ସୂତାର, ଡ. ମିଥିଳା ଦାସ, ଇଂ. ପ୍ରତାପ ରଞ୍ଜନ ରାଉତ, ଦୀଲିପ ମଲିକ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନର ସଭାପତି ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଉପସଭାପତି ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ଡକ୍ଟର ଫକୀର ଚନ୍ଦ୍ର ପ୍ରଧାନ, ଇଂ. ପ୍ରଶାନ୍ତ ବିଶାଳ, ପ୍ରାଣବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ନାୟକ ସୂଚନା ଦେଇଛନ୍ତି ।

### ୬ ବଖରା ଭସ୍ମୀଭୂତ

ଡେରାବିଶ,୧୧।୧୧(ବେବର୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ମିର୍ଜାପାଟଣା ଗ୍ରାମରେ ଶନିବାର ଦିନ ୨ଟାରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଅଲିମୁଦ୍ଦିନ୍ ଖାଁଙ୍କର ୩ ବଖରା ଓ ଯଶୁଦ୍ଦିନ ଖାଁଙ୍କ ୩ବଖରା ଘର ପୋଡ଼ି ହୋଇଯାଇଛି। ଖବର ପାଇ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

### ଫେରାର ଅଭିଯୁକ୍ତ ଗିରଫ

#### ଡକାୟତି ମାମଲାରେ ଫେରାର ଥିଲେ

ବାଲିକୁଦା, ୧୧।୧୧(ତାପସ ସ୍ୱାଇଁ)

ଡକାୟତି ମାମଲାରେ ଦୀର୍ଘ ୯ ବର୍ଷ ହେବ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରିଛି ବାଲିକୁଦା ପୋଲିସ । ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିକୁଦା ବାଲିସାହି ଗାଁର ଶିବ ନାୟକ (୩୪)। ତାଙ୍କ ନାମରେ ଚୋରି, ଡକାୟତି, ରାହାଜାନି, ବନ୍ଧୁକ ଦେଖାଇ ଧମକ ଚମକ ଦେବା ଓ ବେଆଇନ ବନ୍ଧୁକ ରଖିବା ଭଳି ଏକାଧିକ ଅଭିଯୋଗ ରହିଛି । ତାଙ୍କ ନାମରେ ଥାନାରେ ମାମଲା (ନଂ.୫୬୧/୧୪) ରହିଥିବାବେଳେ ଅଦାଲତ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା । ଶିବ ଓ ତା'ର କେତେଜଣ ସହଯୋଗୀ ମାଛଗାଁ କେନାଲ ବନ୍ଧର ଗୋପାଳପୁର ପୋଲ ନିକଟରେ କୌଣସି ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ଥାନାଧିକାରୀ ସଲିଳ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଶିବଙ୍କୁ କାବୁ କରିଥିଲା। ଜାମିନି ନ ମିଳିବାରୁ ତାଙ୍କୁ ଆଳିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

### ବିରିଡ଼ି ମିଶନ ଶକ୍ତି କାଫେ ପୁରସ୍କୃତ

ବିରିଡ଼ି,୧୧।୧୧(ପ୍ରଶାନ୍ତ କୁମାର ରାଉତ)

ଆନ୍ତର୍ଜାତୀୟ ମିଲେଟ ସମ୍ମିଳନୀ-୨୦୨୩ ଶୁକ୍ରବାର ଜନତା ମଇଦାନ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମିଶନ ଶକ୍ତି କାଫେ ବିରିଡିକୁ ପୁରସ୍କୃତ କରାଯାଇଛି । କାଫେକୁ ଜ୍ୟୋତି ମହାସଂଘ ବିରିଡି ପରିଚାଳନା କରୁଛି । ଜ୍ୟୋତି ମହାସଂଘର ସମ୍ପାଦିକା ମହାଶ୍ୱେତା ଜେନା ଓ ସଭାନେତ୍ରୀ ସରୋଜିନୀ ବେହେରା ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଓ ମିଶନଶକ୍ତି ବିଭାଗର ମୁଖ୍ୟ ସୁଜାତା କାର୍ତ୍ତିକେୟନଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏନେଇ କାଫେର ପରିଚାଳନା ଦାୟିତ୍ୱରେ ଥିବା ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଗାନ୍ଧୀବାଦର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବିରିଡ଼ି, ୧୧।୧୧(ପ୍ରଶାନ୍ତ କୁମାର ରାଉତ)

ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସାମ୍ପ୍ରତିକ ସମାଜରେ ଗାନ୍ଧୀବାଦର ପ୍ରାସଙ୍ଗିକତା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ରୁଦ୍ରନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିରଞ୍ଚି ନାରାୟଣ ମହାନ୍ତି ମୁଖ୍ୟ ଅତିଥି, ବିଜେବି କଲେଜର ପ୍ରଫେସର ଅଭିରାମ ବିଶ୍ୱାଳ ମୁଖ୍ୟ ବକ୍ତା ଓ ଅଧ୍ୟାପିକା ସବିତା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରୁଦ୍ରନାରାୟଣ ମିଶ୍ର ପାରମ୍ଭିକ ଭାଷଣ ଦେଇଥିଲେ। ବିଭାଗର ତୃତୀୟ ବର୍ଷ ଛାତ୍ରୀ ପ୍ରଜ୍ଞା ଦାଶ, ଦ୍ୱିତୀୟ ବର୍ଷର ଛାତ୍ର ମୁଜାଫର ଖାଁ, ସନ୍ଧ୍ୟାରାଣୀ ତ୍ରିପାଠୀ ନିଜର ନିବନ୍ଧ ଉପସ୍ଥାପନା କରିଥିଲେ । ଏହି ଅବସରରେ ଅଧ୍ୟାପିକା ସବିତା ମହାନ୍ତିଙ୍କୁ ବିଭାଗ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭାଗର ପତ୍ରିକା 'ଉଇ ଦି ପିପୁଲ' ଉନ୍ମୋଚନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅନନ୍ତ ନାରାୟଣ ଆଚାର୍ଯ୍ୟ, ପ୍ରତାପ କୁମାର ଲେଙ୍କା, ଡ. ମନୋଜ କୁମାର ମିଶ୍ର, ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ । ପ୍ରଥମ ବର୍ଷ ଛାତ୍ରୀ ଆଜମିର ଖାନ୍ମ ସଭା ପରିଚାଳନା କରିଥିଲେ । ତୃତୀୟ ବର୍ଷର ଛାତ୍ରୀ ଅଞ୍ଜଳି ବେହେରା ଗାନ୍ଧୀ ଭଜନ ପରିବେଷଣ କରିଥିଲେ । ଅଧ୍ୟାପିକା କଳ୍ପନା ସାହୁ ଧନବାଦ ଦେଇଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭୟ



@ ବନ୍ଦନ



@ ଚିନ୍ମୟ



@ ସୁଜିତ୍



@ ସୂର୍ଯ୍ୟପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହସ୍ତକଳା, ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ



ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଡେରାବିଶ,୧୧।୧୧(ବେବର୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଉଦୟନଗରସ୍ଥିତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ଶନିବାର ହସ୍ତକଳା ଓ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ସ୍କୁଲର ଅଧ୍ୟକ୍ଷ ସରୋଜକାନ୍ତ ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ସନ୍ଦିପ ସମ୍ପଦ ମଦକର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ପରିଜା, ତୁଳସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ପ୍ରଫେସର ପଦ୍ମଚରଣ ସାମନ୍ତରାୟ, ସ୍କୁଲର ପ୍ରାଣ ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସ୍କୁଲର ସଭାପତି ଡକ୍ଟର ପ୍ରତାପ ଚନ୍ଦ୍ର ଲେଙ୍କା, ରଞ୍ଜିତ ରଞ୍ଜନ ଦାନ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୩୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୧୮ଟି ପ୍ରକଳ୍ପକୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ବୃକ୍ଷ ହିଁ ମନୁଷ୍ୟର ପ୍ରକୃତ ବନ୍ଧୁ

ତିର୍ତ୍ତୋଲ, ୧୧।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)




ପରିବେଶ ସଚେତନତା ସଭାରେ ଯୋଗଦେଇଥିବା ବାଲିଘର ଫାଉଣ୍ଡେଶନ୍‌ର ସଦସ୍ୟ ଓ ଅନ୍ୟମାନେ।

ବୃକ୍ଷ ହିଁ ମନୁଷ୍ୟର ପ୍ରକୃତ ବନ୍ଧୁ। ଆମେ ଏହାର ସୁରକ୍ଷା ଲାଗି ଉଦ୍ୟମ ନ କରି, ଅବାଧରେ ଗଛ କାଟି ପରିବେଶର କ୍ଷତି କରୁଛନ୍ତି, ଏବେ ଗଛ ଲଗାଇ ପରିବେଶ ସୁରକ୍ଷା କରିବା ଏକାନ୍ତ ଆବଶ୍ୟକ ବୋଲି ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେଶନ ପକ୍ଷରୁ ଶନିବାର ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତ ଗୋପାଳପୁର ବଟମହାପୁରୁଷ ପୀଠରେ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଷ୍ଣୁ ପ୍ରସାଦ କାନୁନଗୋ ଏଥିରେ ସଭାପତିତ୍ୱ କରିଥିଲେ। ଏନେଇ ଆୟୋଜିତ ଆଲୋଚନାଚକ୍ରରେ ବୋଧେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସିଆରପିଏଫ୍‌ର ଅବସରପ୍ରାପ୍ତ ଅଧିକାରୀ ସୁରେଶ ଚନ୍ଦ୍ର ଯୋଗାଣିଆ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଖବରଦାତା ଶ୍ରୀକାନ୍ତ ଦାଶ, ଗୋପାଳ ଚରଣ ପଟ୍ଟନାୟକ, ବଟୁ ଖଟୁଆ, ଧନେଶ୍ୱର ଖଟୁଆ, ଈଶ୍ୱର ଖଣ୍ଡୁଆଳ ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଚାରା ରୋପଣ ଏକ ମାତ୍ର ବିକଳ୍ପ ବୋଲି ମତବ୍ୟକ୍ତ କରିଥିଲେ। ପରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ଆକାଶ କାଣ୍ଡି, ସମ୍ବିତ ଖଟୁଆ, ବିଜ୍ଞାନ ଦାସ, ରାକେଶ ମଲ୍ଲିକ ଓ ବାଦଲ କୁମାର କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ଓଝା, ବସନ୍ତ ମଲ୍ଲିକ, ସୁଦର୍ଶନ ସ୍ୱାଇଁ, ବଂଶୀଧର ଯୋଗାଣିଆ, ହାଡ଼ିବନ୍ଧୁ କାଣ୍ଡି, ପ୍ରଶାନ୍ତ ମଲ୍ଲିକ ଓ ବଟୁ ଖଟୁଆ ପ୍ରମୁଖଙ୍କୁ ଅଙ୍ଗବସ୍ତ୍ର ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସଂକ୍ଷେପରେ

### ପିଆଜ କେଜି ୬୦ଟଙ୍କାରେ ବିକ୍ରି

**ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର):** ନୟାଗଡ଼ରେ ପିଆଜ କେଜି ୬୦ ଟଙ୍କାରେ ବିକ୍ରି ହେଉଛି । ପିଆଜର ଦରବୃଦ୍ଧି ଖାଉଟିଙ୍କୁ କନ୍ଦାଇଛି । ନାସିକରେ ପିଆଜ ନଷ୍ଟ ହୋଇ ଯାଇଥିବାରୁ ସ୍ୱଳ୍ପ ପରିମାଣର ପିଆଜ ଆସୁଛି । ଏଣୁ ଦରବୃଦ୍ଧି ଘଟୁଥିବା କୁହାଯାଉଛି । ତେବେ ପିଆଜ ଦର ବୃଦ୍ଧି ଯୋଗୁ ଚାଟ, ଜଳଖିଆ, ହୋଟେଲ ଖାଦ୍ୟରୁ ପିଆଜର ପରିମାଣ କମି ଗଲାଣି। ଏପରି କି କେତେକ ସ୍ଥାନରେ ପିଆଜ ଉଭାନ ହୋଇ ଯାଇଛି ।

### ମୋପେଡ୍ ଦୁର୍ଘଟଣାରେ ଯୁବକ ମୃତ

**ଓଡ଼ଗାଁ,୧୧।୧୧(ଆଦର୍ଶ କୁମାର ପଟ୍ଟନାୟକ):** ଶନିବାର ରାତି ପ୍ରାୟ ସାଢେ଼୮ଟାରେ ସ୍ଥାନୀୟ ଏନ୍ଏସି ପ୍ରବେଶ ଦ୍ୱାର ଅର୍ଥାତ୍ ରଙ୍ଗଣୀପାଟଣା ରୋଡ଼ରେ ମୋପେଡ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ନିକଟସ୍ଥ ମଶାବାରୀ ଗ୍ରାମ ନୂଆସାହିର ଅଙ୍ଗଦ ଭୋକ୍ତା (୩୦)। ଦେଖଣାହାରୀଙ୍କ କହିବା ଅନୁସାରେ ଅଙ୍ଗଦ ଏକ ମୋପେଡ଼କୁ ବେପରୁଆ ଭାବେ ଚଳାଇ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଓ ଅଟୋରିକ୍ସା ସହିତ ଧକ୍କା ଖାଇ ରାସ୍ତାପାର୍ଶ୍ୱରେ ଛିଟିକି ପଡ଼ିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା କାରଣରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଉଜୁଡ଼ିଲା ଧାନ ଫସଲ

- ନୟାଗଡ଼କୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି
- ଚାଷୀ ମୁଣ୍ଡରେ ଚଡ଼କ, ଋଣ ପରିଶୋଧ ଚିନ୍ତା


ପାଣି ଅଭାବରୁ ଜମି ଫାଟିଯିବା ସହ ଧାନ ଗଛ ଜଳିଯାଇଛି।

**ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର)**

ବର୍ଷା ଅଭାବରୁ ପାହାଡ଼ ପର୍ବତ ପରିବେଷ୍ଟିତ ନୟାଗଡ଼ ଜିଲାରେ ଧାନ ଫସଲ ଉଜୁଡିଥିଲେ ମଧ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଉ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଧାର କରଜ, ବ୍ୟାଙ୍କରୁ ଋଣ ଆଣିଥିବା ଚାଷୀକୁ ଋଣ ପରିଶୋଧର ଚିନ୍ତା ଘାରିଛି। ଉଜୁଡା ଫସଲକୁ ଦେଖି ରଣପୁର ବ୍ଲକ ଜଙ୍କିଆ ପଞ୍ଚାୟତ ଓସ୍ତପଡାରେ ଗୋବିନ୍ଦ ସାହୁ(୬୫) ନାମକ ଜଣେ ଚାଷୀ ବିଲରେ ଥିବା ଏକ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି । ଗୋବିନ୍ଦଙ୍କ ଆତ୍ମହତ୍ୟା ପରେ ଆଉ କେହି ଚାଷୀ ଆତ୍ମହତ୍ୟା ଯେ ନ କରିବେ କହି ହେବ ନାହିଁ। ସେ ନେଇ ଚାଷୀ ପରିବାରରେ ଭୟ ଘାରିଲାଣି। ଏନେଇ ନବନିର୍ମାଣ ସେବା ସ୍ୱରାଜ ସରକାର ମୋ ଦଳର ନୟାଗଡ଼ ଜିଲା ଉପସଭାପତି ରଣଜିତ ଦଳବେହେରା କୁହନ୍ତି, ୮୫ ପ୍ରତିଶତ ଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଧାନରେ ଫୁଲ ଉଡିବା ସମୟରେ ବର୍ଷା ଅଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି କରିଛି । ୧୫ ପ୍ରତିଶତ ଜମିରେ ଧାନ ଫସଲ ହୋଇଥିଲେ ମଧ ଅମଳ କମିବ। ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ଭିଡ଼ ଜମିବ ନାହିଁ । ଯେଉଁ ଚାଷୀ ଧାନ ବିକିଲେ ନାହିଁ ସେ ମରୁଡ଼ିର ଶିକାର ହୋଇଥିବ ଜଣାପଡିବ। ଯେଉଁ ଚାଷୀ ଧାନ ମଣ୍ଡିରେ ବିକ୍ରି କରିବେ ସେ କିଛି ଧାନ ପାଇଥିବା ଜଣାପଡିବ। ତେବେ ସରକାର ନୟାଗଡ଼ ଜିଲାକୁ ମରୁଡ଼ି ଅଞ୍ଚଳ ରୂପେ ଘୋଷଣା କରିବା ଦରକାର। ନୟାଗଡ଼ର ସାମଜିକ କର୍ମୀ ବିଶ୍ୱନାଥ ମହାପାତ୍ର କୁହନ୍ତି, ନୟାଗଡ଼ ଜିଲାରେ ଜଳସେଚନର ସୁବିଧା ନାହିଁ । ଜଳସେଚନ ସୁବିଧା ଥିଲେ ଚଳିତ ବର୍ଷ ଧାନ ଭଲ ହୋଇଥାଆନ୍ତା । ଧାନ ବାହାରୁଥିବାବେଳେ ପାଣି ମିଳିଲାନି। ବିଭିନ୍ନ ସ୍ଥାନରେ ନଦୀ ବନ୍ଧ କରି, ପୋଖରୀ କାଟି, ପାଣି ପାଇପରେ ଜମିରେ ପାଣି ମଡାଗଲା। ହେଲେ କିଛି ଜମି ବଞ୍ଚିଗଲା। କିନ୍ତୁ ମରୁଡ଼ି ପରିସ୍ଥିତିକୁ ବଦଳା ଯାଇ ପାରିଲା ନାହିଁ। ଜିଲାର ଅନେକ ସ୍ଥାନରେ ମରୁଡ଼ି ହୋଇଛି । କୃଷି ବିଭାଗ ଚିହ୍ନଟ ନ କରି ଚୁପ ହୋଇ ବସି ରହିଛି । ସିପିଏମ୍‌ର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ ଓ କଂଗ୍ରେସ ନେତା ସତ୍ୟବ୍ରତ ନାୟକ କୁହନ୍ତି, ରଣପୁର ବ୍ଲକକୁ ମରୁଡ଼ି ଅଞ୍ଚଳ ରୂପେ ଘୋଷଣା ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ତହସିଲ ସମ୍ମୁଖରେ ଧାରଣା ଦିଆଯାଇଛି। ହେଲେ ଚାଷୀ ଅଭିଯୋଗ ଶୀତଳଭଣ୍ଡାରକୁ ଚାଲି ଯାଇଛି । ନୂଆଗାଁ ବ୍ଲକ ନୂଆଗାଁର ସୁଧିର କୁମାର ପ୍ରଧାନ କୁହନ୍ତି, ୨ମାସ ହେଲା ମେଘ ଛାଡିବା ପରେ ମରୁଡ଼ି ହୋଇଛି । ବିଲ ଫାଟି ଆଁ କରି ରହିଛି । ଧାନ ଗର୍ଭରେ ଅଛି କିନ୍ତୁ ବାହାରି ପାରୁନି। ଯେଉଁ କିଛି ଜମିରେ ଧାନ ବାହାରି ପଡିଛି ସେଥିରେ ୭୫ ପ୍ରତିଶତ ଅଗାଡି ହୋଇଯିବ । କିଛି ସ୍ଥାନରେ ଚାଷୀ ଧାନ ଗଛକୁ କାଟି ଗୋରୁ ଗାଈକୁ ଖୁଆଉଛନ୍ତି । ଆଉ କିଛି ସ୍ଥାନରେ ଧାନ ବିଲରେ ଗୋରୁ ଚରିଲେଣି। ଏଣୁ ନୂଆଗାଁ ବ୍ଲକକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଉ। ଗୋଡ଼ିପଡାର ଗଣେଶ୍ୱର ମିଶ୍ର କୁହନ୍ତି, ଆମର ୯ମାଣ ଜମି ଅଛି। ସବୁ ଜମି ଫାଟି ଆଁ କରିଛି । ଧାନ ବାହାରି ଜଳିଗଲା। ଧାନ ବାହାରି ନ ପାରି ଜଳିଗଲା। ଧାନ ଫସଲ ଉଜୁଡିବା ପରେ ଚିନ୍ତା ଘାରିଛି। ନୟାଗଡ଼ ଲାଉସେଣାର ଚାଷୀ ଯୁଧିଷ୍ଠିର ନାୟକ କୁହନ୍ତି, ମୁଁ ୯ମାଣ ଜମି ଚାଷ କରିଛି। ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଋଣ କରିଛି। ମୋ ଫସଲ ଉଜୁଡି ଯାଇଛି। କିପରି ଋଣ ପରିଶୋଧ କରିବି ଚିନ୍ତା ଘାରିଲାଣି। ସରକାର ଆମ ମାନଙ୍କର ଜମିକୁ ଦେଖି ନୟାଗଡ଼ ଜିଲାକୁ ମରୁଡ଼ି ଅଞ୍ଚଳ ଘୋଷଣା କରନ୍ତୁ ବୋଲି ସେ କହିଛନ୍ତି।

## ୧୦ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ


ବିଜ୍ଞାନମେଳାରେ ଛାତ୍ରୀଛାତ୍ର ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଶରଣକୁଳ,୧୧।୧୧(ଦୀପକ କର)**

ଶରଣକୁଳ ଭିକାରୀପଡ଼ାଠାରେ ଥିବା କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ପରିସରରେ ୨୩ତମ ପିଲାଙ୍କ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନ ପାଇଥିବା ୧୧୧ ପ୍ରକଳ୍ପ ମଧ୍ୟରୁ ୧୦ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛି। ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଉକ୍ତ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଅଧକ୍ଷ ନୀଳମାଧବ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୁର୍ଗାଚରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଗୁଣ୍ଠାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ଦାଶ, ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ତଥା ସ୍ତମ୍ଭକାର ଲକ୍ଷ୍ମୀଧର ସାହୁ, ଶିକ୍ଷାବିତ୍ କିଶୋର ଚନ୍ଦ୍ର କର ଓ ସ୍କୁଲ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ସାଇ ସମ୍ବିତ, ଯଶସ୍ୱିନୀ ଦାଶ, ଶଶାଙ୍କ ଶେଖର ପ୍ରଧାନ, ସୋମନାଥ ଘଡେଇ, ହରପ୍ରିୟା ମୁଦୁଲି, ଆର୍ଯ୍ୟ ଅଂଶୁମାନ ଦାଶ, ଆଶୁତୋଷ ମହାପାତ୍ର, ପ୍ରିସ୍କିଲା ବେହେରା, ଏସ. ସାଇ ଶଙ୍କର, ସ୍ମାରକୀ ସୁମନ ତ୍ରିପାଠୀ।

## ଫିରିଙ୍ଗିଆରୁ ନାବାଳିକାଙ୍କ ମୃତଦେହ ଜବତ

**ବାପା, ଦାଦାଙ୍କ ସମେତ ୩ ଅଟକ**

**ଜଙ୍ଗଲରେ ପୋତା ଯାଇଥିଲା ମୃତଦେହ**

**ନୟାଗଡ଼/ନୂଆଗାଁ,୧୧।୧୧ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡ଼ା ଗାଁର ଜଣେ ନାବାଳିକାଙ୍କ ମୃତଦେହ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଜେ. କେ. ଜଙ୍ଗଲରୁ ଶନିବାର ଜବତ କରାଯାଇଛି । ନୟାଗଡ଼ ଜିଲାର ନୂଆଗାଁ ଓ ଦଶପଲ୍ଲା ଥାନା ପୋଲିସ ଫିରିଙ୍ଗିଆ ଥାନା ପୋଲିସ ସହାୟତାରେ ଜଙ୍ଗଲରେ ପହଞ୍ଚି ପୋତା ଯାଇଥିବା ମୃତଦେହକୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୮୭/୨୩)ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇ ବଡ଼ବାପା ଓ ବଡ଼ ମା'ଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ମୃତଦେହ ପୋତିବା ଘଟଣାରେ ପୋଲିସ ମୃତ ନାବାଳିକାଙ୍କ ବାପା, ଦାଦାଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେହିଭଳି ନାବାଳିକାଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି ନାଁ ସେ ନିଜେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ସେ ସଂକ୍ରାନ୍ତରେ ଜାଣିବା ପାଇଁ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ।

ସୂଚନା ଅନୁଯାୟୀ, ସୋରଡ଼ା ଗାଁର ବିପ୍ର ଚରଣ ନାୟକଙ୍କ ନାବାଳିକା ଝିଅ କୁଆଡେ ନିଖୋଜ ହୋଇଯାଇଥିଲେ । ଏନେଇ ନୂଆଗାଁ ଥାନାରେ ଅଭିଯୋଗ ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ନୟାଗଡ଼ ସୁଧାରଗୃହରେ ଛାଡିଥିଲେ। କିଛିଦିନ ସୁଧାର ଗୃହରେ ରହିବା ପରେ ପରିବାର ଲୋକେ ଝିଅକୁ ଆଣି ମାମୁ ଘରେ ରଖିଥିଲେ । ପରେ ନିଜ ଘର ସୋରଡ଼ାକୁ ଗତ ୮ ତାରିଖରେ ଆଣିଥିଲେ। ଘରେ ରହିବା ପରେ ୯ ତାରିଖରେ ଝିଅର ମୃତ୍ୟୁ ହୋଇଥିଲା । ବିଷ ପିଇ ଝିଅ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସଫେଇ ଦିଆଯାଇଥିଲା । ତେବେ ଝିଅର ମୃତଦେହକୁ ଗାଁ ଶ୍ମଶାନରେ ଦାହ ନ କରି ପରିବାର ଲୋକ ଫିରିଙ୍ଗିଆର ଜେ.କେ. ଜଙ୍ଗଲରେ ପୋତିବା ପରେ ଘଟଣା ସନ୍ଦେହ ଘେରକୁ ଆସିଥିଲା। ଏନେଇ ଅଭିଯୋଗ ପରେ ନୂଆଗାଁ ଥାନା ପୋଲିସ ତତ୍ପରତା ଦେଖାଇଥିଲା । ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶରେ ନୂଆଗାଁ ଓ ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରିବାକୁ ଫିରିଙ୍ଗିଆ ଯାଇଥିଲା । ତେବେ ପ୍ରଶ୍ନ ଉଠୁଛି ଝିଅ ବିଷ ପିଇ ଆତ୍ମହତ୍ୟା କରିଛି ନାଁ ତାଙ୍କୁ ବିଷ ପିଆଇବାକୁ ବାଧ କରାଯାଇଛି । ଯଦି ଝିଅ ଆତ୍ମହତ୍ୟା କଲେ ତେବେ ତାଙ୍କୁ ଫିରିଙ୍ଗିଆ ଜଙ୍ଗଲରେ କାହିଁକି ଲୁଚାଇ ପୋତାଗଲା । ଜଙ୍ଗଲରେ ପୋତିବା ପଛର କାରଣ ମନ୍ଦ ଉଦ୍ଦେଶ୍ୟକୁ ଇଙ୍ଗିତ କରୁଛି । ଏପରି କି ଝିଅକୁ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରାଯାଇଛି ବୋଲି ଅଭିଯୋଗ ଉଠିଛି । ପୋଲିସ ବିଭିନ୍ନ ପ୍ରଶ୍ନ ଉଠାଇ ନାବାଳିକାଙ୍କ ମୃତ୍ୟୁର କାରଣ ଖୋଜୁଛି । ଏନେଇ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ନାବାଳିକାଙ୍କ ମୃତଦେହ ଫିରିଙ୍ଗିଆ ଜଙ୍ଗଲରୁ ଜବତ ହୋଇଛି । ଝିଅ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ନାଁ ତାଙ୍କୁ ବିଷ ପିଆଇ ହତ୍ୟା କରାଯାଇଛି ତାହା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିବ। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି ।


@ ଅଭୟ


@ ବନ୍ଧନ


@ ଚିନ୍ମୟ


@ ସୁଜିତ୍


@ ସୂର୍ଯ୍ୟପ୍ରସାଦ

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧୩ରେ ଖଣ୍ଡପଡ଼ା ବ୍ଲକରେ ନିଯୁକ୍ତି ମେଳା

**ଖଣ୍ଡପଡ଼ା,୧୧।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ପରିସରରେ ଆସନ୍ତା ୧୩ରେ ବ୍ଲକସ୍ତରୀୟ ନିଯୁକ୍ତି ଓ ପରାମର୍ଶ ମେଳା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତର ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ଏକ ପ୍ରଚାର ଗାଡ଼ି ପ୍ରତ୍ୟେକ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ପରିକ୍ରମା କରିବା ଆରମ୍ଭ କରିଛି । ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଶିକ୍ଷିତ ବେକାର ଯୁବତୀ ଓ ଯୁବକମାନେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ଆବଶ୍ୟକ ପରାମର୍ଶ ଗ୍ରହଣ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଘରକୁ ଫେରିବାର ଖୁସି ହଜିଗଲା

**ଟ୍ରେନରୁ ଖସି ଯୁବକ ମୃତ**

**ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର):** ଦୀପାବଳିରେ ଖୁସି ମନାଇବା ପାଇଁ ଗାଁକୁ ଫେରୁଥିବାବେଳେ ଟ୍ରେନରୁ ଖସି ଜଣେ ଯୁବକ ପ୍ରାଣ ହରାଇଛନ୍ତି । ମୃତକ ହେଲେ ପ୍ରକାଶ କୁମାର ପ୍ରଧାନ(୨୫) । ଘର ନୟାଗଡ଼ ଜିଲା ରଣପୁର ଥାନା ବଜ୍ରକୋଟ ଗାଁରେ । ପ୍ରକାଶ ଗୁଜୁରାଟର କାମ କରନ୍ତି। ସେ ଦୀପାବଳିରେ ଘରକୁ ଫେରୁଥିଲେ। ଟ୍ରେନରୁ ଖସି ପ୍ରାଣ ହରାଇବା ପରେ ଘରେ ଓ ଗାଁରେ ଶୋକର ଛାୟା ଖେଳି ଯାଇଛି ।

# ନୟାଗଡ଼ରେ ୧୯ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

**ନୟାଗଡ଼,୧୧।୧୧(ଲୋକନାଥ ମିଶ୍ର)**


ଶିଳାନ୍ୟାସ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ ।

ଶନିବାର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ୧୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି । ସେ ବେବର୍ତ୍ତାପଲ୍ଲୀଠାରେ ଏକ କଲ୍ୟାଣମଣ୍ଡପ ଶିଳାନ୍ୟାସ କରିଛନ୍ତି । ସେଠାରେ ୨ ମହଲା ବିଶିଷ୍ଟ କଲ୍ୟାଣମଣ୍ଡପ ପାଇଁ ୨ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେହିଭଳି ପୁରୁଣା ସହରରେ ୨ କୋଟି ୯୯ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଇଛି । ମହର୍ଷି ସ୍କୁଲ ନିକଟରେ ୨ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା କଲ୍ୟାଣମଣ୍ଡପର ଶିଳାନ୍ୟାସ କରାଯାଇଛି । ଏଥିସହିତ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ୨ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି । ପୁଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ୩ କୋଟି ୬୫ ଲକ୍ଷ ବ୍ୟୟରେ ସିଟି ଏବଂ ଜିଏସ୍‌ଟି ଅଫିସ ଏବଂ ୨ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଅବକାରୀ ଅଧୀକ୍ଷକ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ ହୋଇଛି। ଏଥିସହିତ ଅତ୍ୟାଧୁନିକ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ନିମନ୍ତେ ୬୦ ଲକ୍ଷ ଟଙ୍କା ଅନୁଦାନରେ ଶିଳାନ୍ୟାସ କରାଯାଇଛି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନିମନ୍ତେ ଏକ କଲେଜ ବିଲ୍ଡିଂ ପାଇଁ ଶୁଭ ପ୍ରଦାନ କରାଯାଇଛି। ଏଥିପାଇଁ ୧ କୋଟି ୫୦ ଲକ୍ଷର ବ୍ୟୟ ମଞ୍ଜୁର ହୋଇଛି । ନୟାଗଡ଼ ପୌର ପରିଷଦ ୧୧ ନମ୍ବର ୱାର୍ଡ ବାଟମଙ୍ଗଳା ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଛି । ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟ ଶେଷ କରାଯିବ । ତ୍ୱରିତ ଗତିରେ ସମସ୍ତ କାମ ଠିକ ସମୟରେ ସାରିବା ପାଇଁ ବିଧାୟକ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼କୁ ଏକ ବିକଶିତ ନିର୍ବାଚନମଣ୍ଡଳୀ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେହି ସ୍ୱପ୍ନକୁ ଆମେ ସମସ୍ତେ ମିଳିମିଶି ପୂରଣ କରିବା ବୋଲି ସାହୁ ପ୍ରକାଶ କରିଛନ୍ତି । ଏହି ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ ଏବଂ ନୟାଗଡ଼ ପୌର ପରିଷଦର ସମସ୍ତ କାଉନସିଲର ସାମିଲ ହୋଇଥିଲେ। ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀ ସାମିଲ ରହିଥିଲେ । ନୟାଗଡ଼ ବିଧାୟକ ସାହୁ ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରାରେ ଯାଇ ସମସ୍ତ ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ।

## ଦୀପାବଳିରେ ଶବ୍ଦ ପ୍ରଦୂଷଣ ନ କରିବା ପାଇଁ ସଚେତନତା

**ଖଣ୍ଡପଡ଼ା,୧୧।୧୧(ଅଜୟ କୁମାର ମହାରଣା):** ଦୀପାବଳି ପାଇଁ ସହର ଠାରୁ ଆରମ୍ଭ କରି ପୁରପଲ୍ଲୀରେ ସବୁଠି ଖୁସିର ମାହୋଲ ସୃଷ୍ଟି ହୋଇଛି । ଯୁବଗୋଷ୍ଠୀ ଏହି ପବିତ୍ର ଦିନରେ ବିଭିନ୍ନ ପ୍ରକାର ଆତସବାଜି ଆଦି ଫୁଟାଇ ଆଗାମୀ ବର୍ଷରେ ପରିବେଶକୁ ଅଧିକ ପ୍ରଦୂଷଣ କରୁଥିବା ବେଳେ ଏପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ପରିବେଶବିତ୍ ତଥା ଗଛ ସାର ଭାବେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ସଚେତନତା ସୃଷ୍ଟି କରିଛନ୍ତି। ଶନିବାର ସାହୁ ସ୍ଥାନୀୟ କୃଷ୍ଣେଶ୍ୱର ପାଟଣା ଗ୍ରାମର ବନମାଳୀ ଦାଶଙ୍କ ସହଯୋଗ କ୍ରମେ ଏହି ପବିତ୍ର ଦିନରେ ବାଣ ନ ଫୁଟାଇ ଦୀପାବଳିରେ ଦୀପଦାନ କରିବାକୁ ନିବେଦନ କରିଥିଲେ। ଏଥିପାଇଁ ସେ ଗାଁରେ ବିଭିନ୍ନ ପୋଷ୍ଟର ଲଗାଇବା ସହ ବାଣ ଫୁଟାଇଲେ ଯେଉଁ ଶବ୍ଦ ପ୍ରଦୂଷଣ ସୃଷ୍ଟି ହୁଏ ତାହଦ୍ୱାରା ବହୁ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ମା'ବାପା ଓ ଅଭିଭାବକମାନେ ଏଥିପାଇଁ ପିଲାମାନଙ୍କୁ ସଚେତନ କରିବାକୁ ସେ ନିବେଦନ କରିଥିଲେ ।

## ଶରଣକୁଳ କଲେଜରେ ରକ୍ତଦାନ ଶିବିର


ରକ୍ତଦାନ ଶିବିରରେ ଯୋଗଦେଇଥିବା ଅତିଥି।

**ଶରଣକୁଳ,୧୧।୧୧(ଦୀପକ କର)**

ଶନିବାର ଶରଣକୁଳ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ରୋଭର ରେଞ୍ଜର ୟୁନିଟ, ଯୁବ ରେଡ଼କ୍ରସ ୟୁନିଟ, ଜାତୀୟ ସେବାସଂସ୍ଥା ଓ ଓଡ଼ିଶା ସରକାରଙ୍କ ଜୀବନ ବିନ୍ଦୁର ମିଳିତ ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । କଲେଜ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ନାୟକ, ଅଧକ୍ଷ ବସନ୍ତ କୁମାର ରଥ, ପ୍ରଶାସନିକ ଅଧିକାରୀ ଡ. ବ୍ୟୋମକେଶ ରଥ, ରୋଭର ରେଞ୍ଜର ଲିଡର ଦିଲୀପ କୁମାର ସାହୁ, ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରତିମା ବେହେରା ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ। ସମୁଦାୟ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ, ଜିଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ ।

